# ପିଲାମାନଙ୍କ ପାଇଁ ବାଇବଲ

## ଉପହାର

# ପ୍ରଥମ ପୁନରଥାନ




ଲେଖକ: Edward Hughes

ଦୃଷ୍ଟାନ୍ତ: Janie Forest

ଅନୁବାଦକ: Prasanta Bhuyan

ଉପଯୋଜକ: Lyn Doerksen


କାହାଣି ୬୦ ରୁ ୫୪


**www.M1914.org**

***Bible for Children,*** *PO Box 3, Winnipeg, MB R3C 2G1 Canada*



ଅନୁମତି ସ୍ୱତ୍ର: ଏଠାରେ ଥିବା ସବୁ କାହାଣୀର ଅବିକଳ ନକଲ ଅବା ପ୍ରିଣ୍ଟ କରିବାକୁ ଆପଣଙ୍କର ଅଧୀକାର ଅଛି,
ଯେଉଁ ପର୍ଯ୍ୟନ୍ତ ଆପଣ ଏହାକୁ ବିକ୍ରୀ କରନ୍ତି ନାହିଁ ।


ଓଡ଼ିଆ

Oriya

ଭଦ୍ର ମହିଳା କୋଳାହଳ ଶବ୍ଦ ହେଉଥିବା ପର୍ବତ ପାର୍ଶ୍ୱରେ ଥିଲେ, ତାହାର ବ୍ୟାକୁଳ ଚକ୍ଷୁ ଏକ ଭୟଙ୍କର ଦୃଶ୍ୟ ଦେଖୁଥିଲା । ମାତା ମରିୟମ ସେ ଯୀଶୁଖ୍ରୀଷ୍ଟଙ୍କୁ କ୍ରୃଶରେ ହତ କରାଯାଇଥିବା ସ୍ଥାନ ପାର୍ଶ୍ୱରେ ଠିଆ ହୋଇଥିଲେ ।



1

ଏହି ସମସ୍ତ ବିଷୟ କିପ୍ରକାରେ ହେଲା? ଏହିପରି କଷ୍ଟ ଓ ଦୁଃଖରେ ଯୀଶୁଖ୍ରୀଷ୍ଟ ଏଭଳି ଗୋଟିଏ ସୁନ୍ଦର ଜୀବନକୁ କିପ୍ରକାର ଭାବରେ ସମାପ୍ତ କଲେ? ଇଶ୍ୱର ମଧ୍ୟ କିପରି ଆପଣା ପୁତ୍ରଙ୍କୁ କ୍ରୃଶରେ ହତ ହେବାକୁ ଅନୁମତି ଦେଲେ,? ସେ ଯେ ଯୀଶୁଖ୍ରୀଷ୍ଟ ସେଥିଯୋଗୁଁ କି ସେ ଭୁଲ୍ କାର୍ଯ କରିଥିଲେ? ଏହି ସମସ୍ତ ବିଷୟରେ କଣ ଇଶ୍ୱର ବିଫଳ ହେଲେ କି?



2



ନୁହେଁ, ଇଶ୍ୱର ବିଫଳ
ହୋଇନାହାନ୍ତି । ଯୀଶୁଖ୍ରୀଷ୍ଟ
କୌଣସି ପ୍ରକାର ଭାବରେ
ଭୁଲ କରିନଥିଲେ । ଯୀଶୁଖ୍ରୀଷ୍ଟ
ସବୁବେଳେ ଜାଣିଥିଲେ ଯେ
ସେ ଦୁଷ୍ଟ ମାନଙ୍କ ଦ୍ୱାରା ମୃତ୍ୟୁର
ସମ୍ମୁଖିନ ହେବେ । ଏପରି କି
ଯେତେବେଳେ ଯୀଶୁଖ୍ରୀଷ୍ଟ
ଛୋଟଥିଲେ, ସିମିୟନ୍ ନାମକ
ଏକ ବୃଦ୍ଧ ବ୍ୟକ୍ତି ଏହି ବିଷୟକୁ
ନେଇ ମରିୟମଙ୍କୁ କହିଥିଲେ ।

3



ଯୀଶୁଙ୍କ
ମରଣର
କଛିଦିନ ଆଗରୁ,
ଜଣେ ସ୍ତ୍ରୀଲୋକ ଏକ
ପାତ୍ରରେ ବହୁମୂଲ୍ୟ
ସୁଗନ୍ଧି ତୈଳ ଘେନି
ଯୀଶୁଙ୍କ ନିକଟକୁ ଆସି
ତାହାଙ୍କ ପାଦରେ ଢ଼ାଳିଲା ।
କିନ୍ତୁ ତାହା ଦେଖି ଶିଷ୍ୟମାନେ
ଅଭିଯୋଗ କରି କହିଲେ ସେ
ନିଜ ସତ୍ତି ଅପବୟ କରିଅଛି
ସେଥିରେ ଯୀଶୁଖ୍ରୀଷ୍ଟ କହିଲେ ସେ
ମୋ ପ୍ରତି ଉତ୍ତମ କାର୍ଯ୍ୟ କରିଅଛି । ସେ ମୋହର
ସମାଧି ନିମନ୍ତେ ଏହା କରିଅଛି । କି ଅଶ୍ଚର୍ଯ୍ୟ କଥା !

4

ଏହାପରେ, ବାରଜଣ ଶିଷ୍ୟମାନଙ୍କ
ମଧ୍ୟରୁ ଯିହୁଦା ନାମକ ଜଣେ ଶିଷ୍ୟ
ତିରିଶ ଗୋଟି ରୌପ୍ୟମୁଦ୍ରା ନିମନ୍ତେ
ଯୀଶୁଙ୍କୁ ଧରାଇବା ପାଇଁ ପ୍ରଧାନ
ଯାଜକଙ୍କ ନିକଟରେ ସମ୍ମତ
ହେଲେ ।



5



ଯିହୁଦି ମାନଙ୍କ ନିସ୍ତାର ପର୍ବରେ ଯୀଶୁ
ଆପଣା ଶିଷ୍ୟମାନଙ୍କ ସହିତ ଶେଷ
ଭୋଜନ କଲେ । ଯୀଶୁ ସେମାନଙ୍କୁ
ଇଶ୍ୱରଙ୍କ ବିଷୟ ଏବଂ ପ୍ରତିଜ୍ଞା, ଯାହା
ଇଶ୍ୱର ଆପଣା ଭୟକାରି ମାନଙ୍କ ନିମନ୍ତେ
କରିବାକୁ ଯାଉଛନ୍ତି ତାହା ଜଣାଇଲେ ।
ଯୀଶୁ ରୋଟି ଓ ଦ୍ରାକ୍ଷାରସ ଶିଷ୍ୟମାନଙ୍କୁ
ଦେଇ କହିଲେ ନିଅ ଭୋଜନ ଏବଂ
ପାନକର । ଏହିସମସ୍ତ ବିଷୟ
ସେମାନଙ୍କ ସ୍ମରଣ
କରାଇବା ନିମନ୍ତେ
ଯେ ତାଙ୍କର ଶରୀର
ଓ ରକ୍ତ ଅନେକଙ୍କ
ପାପକ୍ଷମା ନିମନ୍ତେ
ଦିଆ ଯାଇଅଛି ।

6

ଯୀଶୁ ଆପଣା ଶିଷ୍ୟମାନଙ୍କୁ କହିଲେ, ଆପଣାର ଜଣେ ବିଶ୍ୱାସଘାତ
ହେବ ଓ ତୁମ୍ଭେମାନେ ମଧ୍ୟ ମତେ ପରିତ୍ୟାଗ କରିବ । ଆମ୍ଭେ ତୁମ୍ଭକୁ
କେବେହେଁ ପରିତ୍ୟାଗ କରିବା ନାହିଁ । ପିତର ଜିଦ୍‌କରି କହିଲେ । ଯୀଶୁ
କହିଲେ ଏହି ରାତ୍ରି କୁକୁଡ଼ା ଡାକିବା ପୁର୍ବରୁ ତୁମ୍ଭେ ଆମ୍ଭକୁ ତିନିଥର
ଅସ୍ବିକାର କରିବ ।



7



ସେହି ରାତ୍ରିରେ, ଯୀଶୁଖ୍ରୀଷ୍ଟ
ଗେଥ୍‌ଶିମାନୀ ଉଦ୍ୟାନରେ
ପ୍ରାର୍ଥନା କରିବାକୁ ଗଲେ ।
ଯୀଶୁଖ୍ରୀଷ୍ଟଙ୍କ ସହିତ ଯେଉଁ
ଶିଷ୍ୟ ଥିଲେ ସମସ୍ତେ ନିଦ୍ରିତ
ହୋଇପଡ଼ିଲେ । ଯୀଶୁଖ୍ରୀଷ୍ଟ
ପ୍ରାର୍ଥନା କରି କହିଲେ
ହେ ମୋର ପିତା ଯଦି
ହୋଇପାରେ, ତେବେ ଏହି
ପାନପାତ୍ର ମୋଠାରୁ ଦୁର
ହେଉ, ତଥାପି ମୋହର ଇଚ୍ଛା
ନୁହେଁ ମାତ୍ର ତୁମ୍ଭର ହେଉ ।

8


ସେହିକ୍ଷଣି ଯିହୁଦା ସୈନ୍ୟମାନଙ୍କ ସହିତ ସେହି ଉଦ୍ୟାନକୁ ଆସିଲେ । କିନ୍ତୁ ସେ ସେମାନଙ୍କୁ ବାଧା ଦେଲେନାହିଁ । ପିତର ଖଣ୍ଡା ବାହାର କରି ମହାଯାଜକଙ୍କ ଦାସକୁ ଆଘାତ କରି ତାହାର କାନ କାଟିପକାଇଲେ । ତତ୍ ପରେ ଯୀଶୁଖ୍ରୀଷ୍ଟ ଦାସର କାନକୁ ସ୍ପର୍ଶକରି ସୁସ୍ଥକଲେ । ଶତ୍ରୁ ହସ୍ତରେ ସେ ଧରା ହେବା ଈଶ୍ୱରଙ୍କ ଯୋଜନାବୋଲି ଯୀଶୁଖ୍ରୀଷ୍ଟ ଜାଣିଥିଲେ ।
9


ଲୋକମାନେ ଯୀଶୁଙ୍କୁ ମହାଯାଜକଙ୍କ ନିକଟକୁ ଘେନିଗଲେ । ସେଠାରେ ଯିହୁଦିର ପ୍ରଧାନ ଯାଜକମାନେ ଯୀଶୁଙ୍କୁ ମୃତ୍ୟୁଦଣ୍ଡ ହେଉ ବୋଲି କହିଲେ । ସେହିସମୟରେ ପିତର ଦାସମାନଙ୍କର ଅଗ୍ନି ପାର୍ଶ୍ୱରେ ଛିଡ଼ାହୋଇ ଦେଖୁଥିଲେ । ତିନିଥର ପର୍ଯନ୍ତ ଲୋକମାନେ ପିତରଙ୍କୁ କହିଲେ ତୁମ୍ଭେ ଗାଲିଲୀୟ ତୁମ୍ଭେ ମଧ୍ୟ ଯୀଶୁଙ୍କ ସଂଙ୍ଗରେ ଥିଲ । କିନ୍ତୁ ତିନିଥର ପିତର ଏହାକୁ ଅସ୍ୱିକାର କଲେ, ସେ ଅଭିଶାପ ଦେଇ ରାଣ ମଧ୍ୟ ପକାଇଲେ । ଯେପରି ଯୀଶୁଖ୍ରୀଷ୍ଟ ପିତରଙ୍କୁ କହିଥିଲେ ।
10


ସେହିକ୍ଷଣି କୁକୁଡ଼ା ଡାକିଲା । ପିତରଙ୍କୁ ଏହା ଏକ ପରମେଶ୍ୱରଙ୍କ ସ୍ୱର ପରି ଲାଗିଲା, ପୁଣି ପିତରଙ୍କର ମନରେ ପଡ଼ିଲା, ସେ ଯୀଶୁଙ୍କ କଥାକୁ ମନେ ପକାଇ ବ୍ୟାକୁଳ ହୋଇ ରୋଦନ କଲେ ।
11


ଯିହୁଦା ମଧ୍ୟ ଅତ୍ୟନ୍ତ ଦୁଃଖିତ ଥିଲେ । ସେ ଜାଣିଥିଲେ ଯେ ଯୀଶୁ ନିର୍ଦୋଷ ଓ ନିଷ୍ପାପି ବ୍ୟକ୍ତିଥିଲେ । ଯିହୁଦା ସେହି ତିରିଶଗୋଟି ରୌପ୍ୟମୁଦ୍ରା ପ୍ରଧାନ ଯାଜକ ମାନଙ୍କ ନକଟକୁ ଘେନିଗଲେ କିନ୍ତୁ ସେମାନେ ତାହା ଗ୍ରହଣ କଲେ ନାହିଁ ।
12


ଯିହୁଦା ସେହି ରୌପ୍ୟମୁଦ୍ରା ଗୁଡ଼ାକ ମନ୍ଦିର ଭିତରେ ଫୋପାଡ଼ିଦେଇ ଚାଲିଗଲା, ପୁଣି ବାହାରକୁ ଯାଇ ଆପଣାକୁ ଫାଶୀ ଦେଲେ ।
13


ଇତିମଧ୍ୟରେ ଯାଜକମାନେ ଯୀଶୁଙ୍କୁ ରୋମିୟ ଶାସନ କର୍ତ୍ତା ପିଲାତଙ୍କ ନିକଟକୁ ଘେନିଗଲେ । ପିଲାତ କହିଲେ ଆମ୍ଭେ ଏହି ବ୍ୟକ୍ତିଙ୍କଠାରୁ କୌଣସି ଅପରାଧ ପାଇନାହୁଁ । ଲୋକମାନେ ଚିତ୍କାର କରି କହିଲେ ଯୀଶୁଙ୍କୁ କ୍ରୁଶରେ ଚଢ଼ାଅ, କ୍ରୁଶରେ ଚଢ଼ାଅ ।
14

ଶେଷରେ ପିଲାତ ଯୀଶୁଙ୍କୁ କୃଶରେ ହତ ହେବା ନିମନ୍ତେ ସମର୍ପଣ କଲେ । ସୈନ୍ୟମାନେ ଯୀଶୁଙ୍କୁ ଚାପୁଡ଼ା ମାରିଲେ, ମୁଁହରେ ଛେପ ପକାଇଲେ, ଓ କୋରଡ଼ା ପ୍ରହାର କଲେ । ସେମାନେ କଣ୍ଟାର ଗୋଟିଏ ମୁକୁଟ ତିଆରି କଲେ ଆଉ ତାଙ୍କ ମସ୍ତକରେ ପିନ୍ଧାଇଲେ । ତାହାପରେ ସେମାନେ ଯୀଶୁଙ୍କୁ କଣ୍ଟାର ମେଖ ଦେଇ କୃଶରେ ଚଢ଼ାଇଲେ ।



15

ଯୀଶୁ ଏହି ପ୍ରକାର ଭାବେ ମୃତୁବରଣ କରିବେ ତାହା ଆଗରୁ ଜାଣିଥିଲେ । ଏହାମଧ୍ୟ ସେ ଜାଣିଥିଲେ ଯେ ତାହାଙ୍କର ମୃତ୍ୟୁ ଅନେକଙ୍କ ନିମନ୍ତେ ଏବଂ ଯେଉଁମାନେ ତାହାଙ୍କୁ ନିର୍ଭର କରେ ସେ ସମସ୍ତଙ୍କର ପାପ କ୍ଷମା ହୋଇପାରିବ । ଦୁଇଜଣ ଡକାୟତ ଯୀଶୁଙ୍କ ଉଭୟ ପାର୍ଶ୍ୱରେ କୃଶରେ ଚଢ଼ାଗଲେ । ଜଣେ ଯେ ଯୀଶୁଙ୍କୁ ବିଶ୍ୱାସ କରି ଯୀଶୁଙ୍କ ସହିତ ପାରଦେଶକୁ ଗଲେ । ଆଉଜେଣେ ଯାଇପାରିଲେ ନାହିଁ ।



16

ଦୁଃଖ ଭୋଗର କିଛି ଘଣ୍ଟାପରେ । । ସମାପ୍ତ ହେଲା । । କହି ଯୀଶୁଖ୍ରୀଷ୍ଟ ପ୍ରାଣତ୍ୟାଗ କଲେ । ଆଉ ତାହାଙ୍କର କାର୍ଯ୍ୟ ସମାପ୍ତ ହେଲା । ତାହାଙ୍କର ବନ୍ଧୁମାନେ ଯୀଶୁଖ୍ରୀଷ୍ଟଙ୍କୁ ଏକ ସ୍ୱତନ୍ତ୍ର କବରରେ ସମାଧି ଦେଲେ ।



17

ଯୀଶୁଙ୍କୁ ସମାଧି ଦେଲା ପରେ ରୋମିୟ ସୈନ୍ୟମାନେ ସମାଧି ଦ୍ୱାର ଖଣ୍ଡିଏ ବଡ଼ ପଥର ଘୋଡ଼ାଇ ଦେଇ ପହଂରା ଦେଲେ, ବର୍ତ୍ତମାନ ତାହାଦ୍ୱାରା କେହି ଭିତରକୁ ଯିବା କିମ୍ବା ଭିତରୁ ବାହାରକୁ ଆସିପାରିବେ ନାହିଁ ।



18

ଏହା ଯଦି କାହାଣୀ ର ଅନ୍ତିମ ହୋଇଥାନ୍ତା ତେବେ କି ପ୍ରକାର ଦୁଃଖ ହୋଇଥାନ୍ତା କିନ୍ତୁ ଇଶ୍ୱର ଏକ ଆଲୋକିକ କାର୍ଯ୍ୟକଲେ । ଯୀଶୁଖ୍ରୀଷ୍ଟ ମୃତ୍ୟୁ ହୋଇ ରହିଲେ ନାହିଁ ।



19

ସପ୍ତାହର ପ୍ରଥମ ଦିବସର ପ୍ରଭାତରେ ଯୀଶୁଙ୍କର ଶିଶ୍ୟମାନେ ପଥରକୁ ସମାଧିର ଦୂରରେ ଥିବାର ଦେଖିଲେ । ଯେତବେଳେ ସେମାନେ ଭିତରକୁ ଅନାଇଲେ, ସେଠାରେ ଯୀଶୁଖ୍ରୀଷ୍ଟ ନଥିଲେ ।



20

ଜଣେ ସ୍ତ୍ରୀ ସମାଧୀରେ ରହି କ୍ରନ୍ଦନ କରୁଥିଲେ । ଯୀଶୁ ତାହାଙ୍କୁ ଦର୍ଶନ ଦେଲେ ସେହି ସ୍ତ୍ରୀ ଅତ୍ୟନ୍ତ ଆନନ୍ଦରେ ପରିପୂର୍ଣ୍ଣ ହୋଇ ଯୀଶୁଙ୍କ ଶିଶ୍ୟମାନଙ୍କ ନିକଟକୁ କହିବାକୁ ଗଲା । ଯୀଶୁଖ୍ରୀଷ୍ଟ ଜୀବିତ ଅଟନ୍ତି ଆଉ ସେ ମୃତ୍ୟୁରୁ ଉଠିଅଛନ୍ତି ।



21



ଶୀଘ୍ର ଯୀଶୁଖ୍ରୀଷ୍ଟ ଆପଣା ଶିଶ୍ୟମାନଙ୍କୁ ସାକ୍ଷାତ କରି ଆପଣାତ କଣ୍ଟାବିନ୍ଧା ହସ୍ତ ଦେଖାଇଲେ । ଏହା ସତ୍ୟ ଥିଲା ଯେ ଯୀଶୁଖ୍ରୀଷ୍ଟ ପୁନର୍ବାର ଜୀବିତ ଅଟନ୍ତି । ସେ ପିତରଙ୍କୁ କ୍ଷମା ଦେଲେ ଓ ଆପଣାର ବିଷୟ ସମସ୍ତଙ୍କୁ କହିବା ନିମନ୍ତେ ଶିଷ୍ୟମାନଙ୍କୁ କହିଲେ । ଯୀଶୁଖ୍ରୀଷ୍ଟ ଯେଉଁଠାରୁ ସେହି ଖ୍ରୀଷ୍ଟମାସ ଦିନରେ ଆସିଥିଲେ ପୁନର୍ବାର ସେ ସେହି ସ୍ଥାନକୁ ଫେରିଗଲେ ।

22

## ପ୍ରଥମ ପୁନରଥାନ

ବାଇବଲ, ପରମେଶ୍ୱରଙ୍କ ବାକ୍ୟରୁ ଏକ କହାଣୀ

ରୁ ଅନୁସନ୍ଧାନ କରାଯାଇଅଛି

ମାଥିଉ ୨୬-୨୮, ଲୁକ ୨୨-୨୪, ଯୋହନ ୧୩-୨୧

"ତୁମ୍ଭ ପ୍ରଦେଶର ଶବ୍ଦ ଆଲୋକ ପ୍ରଦାନ କରିବ ।"
ଗୀତସଂହିତା ୧୧୯ : ୧୩୦

ଆମ୍ଭେମାନେ ମନ୍ଦକାର୍ଯ କରିଅଛୁ ତାହା ଇଶ୍ୱର ଜାଣନ୍ତି, ଆଉ ତାହାକୁ ଇଶ୍ୱର କହନ୍ତି ପାପ । ଆଉ ପାପର ବେତନ ହେଉଛି ମୃତ୍ୟୁ ।

ଇଶ୍ୱର ଆମ୍ଭମାନଙ୍କୁ ଏଡ଼େ ପ୍ରେମକଲେ ଯେ, ଆପଣା ଅଦ୍ୱିତୀୟ ପୁତ୍ର ଯୀଶୁଙ୍କୁ ଆମ୍ଭମାନଙ୍କର ପାପ ସକାଶୁ କ୍ରୁଶ ଉପରେ ମୃତ୍ୟୁବରଣ କରିବାକୁ ପଠାଇଲେ । ଯୀଶୁ ପୁନର୍ବାର ଜୀବନ କୁ ଫେରିଲେ, ଆଉ ସେ ସ୍ୱର୍ଗ ଆରୋହନ କଲେ ବର୍ତ୍ତମାନ୍ ଅନନ୍ତର ପରମେଶ୍ୱର ଆମ୍ଭମାନଙ୍କର ପାପକ୍ଷମା କରି ପାରିବେ ।

ଯଦି ତୁମ୍ଭେ ତୁମ୍ଭ ପାପରୁ ଫେରିବାକୁ ଚାହଁ, ତେବେ ଏହା ଇଶ୍ୱରଙ୍କୁ କୁହନ୍ତୁ: ପ୍ରିୟର ଇଶ୍ୱର ମୁ ବିଶ୍ୱାସ କରେ ଯୀଶୁଖ୍ରୀଷ୍ଟ ମୋ ନିମନ୍ତେ ମୃତ୍ୟୁଭୋଗ କଲେ, ବର୍ତ୍ତମାନ ସେ ଜୀବିତ ଅଟନ୍ତି । ଦୟାକରି ମୋର ପାପସବୁ କ୍ଷମା କର ଏବଂ ମୋ ଜୀବନକୁ ଆସ, ତଦ୍ୱାରା ବର୍ତ୍ତମାନ୍ ଠାରୁ ମୁଁ ଏକ ନୂତନ ଜୀବନ ପ୍ରାପ୍ତ ହୋଇ ତୁମ୍ଭଠାରେ ଚିରକାଳ ସ୍ଥାୟୀ ହେବି । ତୁମ୍ଭର ସନ୍ତାନ ହୋଇ ତୁମ୍ଭଠାରେ ବାସକରିବା ପାଇଁ ମୋତେ ସାହାଯ୍ୟ କରନ୍ତୁ । ଆମେନ୍ (ଯୋହନ ୩:୧୬)

ବାଇବଲ୍ ଅଧ୍ୟୟନ କରନ୍ତୁ ଆଉ ପ୍ରତ୍ୟେକ ଦିନ ଇଶ୍ୱରଙ୍କ ସହିତ କଥୋପକଥନ ହୁଅନ୍ତୁ ।